# NATIONAL NEWS BULLETIN (ODIA)

## 2 October 2026

### Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀରେ ଆଜି ଦେଶବ୍ୟାପି ଶ୍ରଦ୍ଧାଞ୍ଜଳି ଅର୍ପଣ ।
- ଗ୍ରାମପଞ୍ଚାୟତକୁ ସଶକ୍ତ କରିବା ଏବଂ ଜନସେବାରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଦେଶ ବ୍ୟାପି ଆଜି ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଗ୍ରାମସଭା ।
- ଫ୍ଲାଏ ଦୁବାଇ ଘଟଣାରେ ଭାରତୀୟ ନାଗରିକ କ୍ୟାପ୍‌ଟେନ୍ ସ୍ମିତ୍ ମାଛରଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ।

ଏବଂ

- ଏସୀୟ କ୍ରୀଡ଼ା ମହିଳା ହକି ପ୍ରତିଯୋଗିତାରେ ଆଜି ଭାରତ ଓ ଚୀନ୍ ମଧ୍ୟରେ ଖେଳାଯିବା ଫାଇନାଲ୍ ମ୍ୟାଚ୍ ।

# ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଦେଶ ଆଜି ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜନ୍ମବାର୍ଷିକୀ ଗାନ୍ଧୀ ଜୟନ୍ତୀ ଅବସରରେ ଦେଶ ଏବଂ ବିଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦିଲ୍ଲୀର ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୨ତମ ଜନ୍ମବାର୍ଷିକୀରେ ମଧ୍ଯ ଦେଶବ୍ୟାପୀ ସଭାସମିତିମାନ ଆୟୋଜନ କରାଯାଉଛି। ଉତ୍ତରପ୍ରଦେଶର ପୂର୍ବର ମୁଗଲ ସରାଇ ଏବଂ ବର୍ତ୍ତମାନର ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ନଗରରେ ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ଲାଲବାହାଦୂର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ସେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ସହ ୧୯୨୧ ମସିହାରେ ସଂଗଠିତ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ ତମ ଜନ୍ମବାର୍ଷିକୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଜାତିର ପିତାଙ୍କ ଆଦର୍ଶ ଏବଂ ମୂଲ୍ୟବୋଧକୁ

ସମର୍ପଣ କରିବାର ଏହା ଏକ ନିଆରା ଅବସର। ଶ୍ରୀମତୀ ମୁର୍ମୁ କହିଛନ୍ତି, ମହାତ୍ମା ଗାନ୍ଧୀ ସମଗ୍ର ମାନବ ଜାତିକୁ ସହନଶୀଳତା, ଶାନ୍ତି ଏବଂ ସତ୍ୟର ବାର୍ତ୍ତା ଦେଇଛନ୍ତି। ରାଷ୍ଟ୍ରପତି' ମହାତ୍ମା ଗାନ୍ଧୀଙ୍କୁ ମାନବଜାତି ପାଇଁ ପ୍ରେରଣା ବୋଲି କହିବା ସହ ସେ ଅସ୍ପୃଶ୍ୟତା, ନିରକ୍ଷରତା, ନିଶା ଏବଂ ଅନ୍ୟାନ୍ୟ ସାମାଜିକ କୁପ୍ରଥା ଦୂର କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ ବୋଲି କହିଛନ୍ତି। ମହାତ୍ମା ଗାନ୍ଧୀ ସମାଜର ଦୁର୍ବଳ ବର୍ଗଙ୍କୁ ଶକ୍ତି ଓ ସମର୍ଥନ ପ୍ରଦାନ କରିଥିଲେ। ରାଷ୍ଟ୍ରପତି କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଦେଶ ଅଗ୍ରସର ହେଉଛି । ଏକ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ଏବଂ ଶିକ୍ଷିତ ଭାରତ ଗଠନ କରିବା ଲକ୍ଷ୍ୟରେ ମହାତ୍ମା ଗାନ୍ଧୀଙ୍କ ସର୍ବୋଦୟର ବାର୍ତ୍ତା ନେଇ ଦେଶର କଲ୍ୟାଣ ଏବଂ ପ୍ରତିବଦ୍ଧ ରହିବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ଗୁଜୁରାଟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୋର୍ ବନ୍ଦରରେ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ କୀର୍ତ୍ତି ମନ୍ଦିରରେ  ପ୍ରାର୍ଥନା ସଭାରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଯୋଗଦେବା ସହ ଆଜି ସକାଳେ ଅହମଦାବାଦର ସାବରମତି ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇଛି।

ଗାନ୍ଧିବାଦୀ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଖଦି ଦୋକାନ ଗୁଡ଼ିକରେ ଗ୍ରାମୀଣ କାରୀଗରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ **'ଖଦି ଫର୍ ନେସନ୍, ଖଦି ଫର୍ ଫ୍ୟାସନ୍'** ଏବଂ **'ଭୋକାଲ ଫର୍ ଲୋକାଲ'** ଓ **'ହର୍ ଘର୍ ସ୍ୱଦେଶୀ'** ଆହ୍ୱାନ ଅନୁଯାୟୀ ଗୁଜରାଟ ସରକାର ଆଜିଠାରୁ ଖଦୀ ଏବଂ ହସ୍ତତନ୍ତ ଉତ୍ପାଦ ଉପରେ ଆସିନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ୩୦ ପ୍ରତିଶତ ସ୍ୱତନ୍ତ୍ର ରିହାତି ଘୋଷଣା କରିଛନ୍ତି।

## ସ୍ପେଶାଲ ଗ୍ରାମସଭା

ଗାନ୍ଧୀ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେଉଛି। ଏଥିରେ ପଞ୍ଚାୟତକୁ ସଶକ୍ତ କରିବା, ଜନସେବାରେ ଉନ୍ନତି ଆଣିବା ଏବଂ ଗ୍ରାମୀଣ ଭାରତରେ ଜୀବନଧାରଣର ମାନ ବୃଦ୍ଧି ପାଇଁ ବିଭିନ୍ନ ସଂସ୍କାର ଓ ପଦକ୍ଷେପ ଉପରେ ଆଲୋଚନା ହେବ।

ଏହି ସ୍ୱତନ୍ତ୍ର ଗ୍ରାମସଭା ଅବସରରେ 'ସଭିଙ୍କ ଯୋଜନା, ସଭିଙ୍କ ବିକାଶ' ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯିବ। ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକ ଅଂଶଗ୍ରହଣମୂଳକ ଏବଂ ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ମାଧ୍ୟମରେ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରିବେ।

୨୦୧୮ ମସିହାରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ 'ସଭିଙ୍କ ଯୋଜନା, ସଭିଙ୍କ ବିକାଶ' ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ମାଧ୍ୟମରେ ପଞ୍ଚାୟତଗୁଡ଼ିକ ସମନ୍ୱିତ, ସମାବେଶୀ ଏବଂ ଅଂଶଗ୍ରହଣମୂଳକ ବିକାଶ ଯୋଜନା ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ୨ ଲକ୍ଷ ୫୫ ହଜାରରୁ ଅଧିକ ଗ୍ରାମ ପଞ୍ଚାୟତ ଇ-ଗ୍ରାମସ୍ୱରାଜ ପୋର୍ଟାଲରେ ସେମାନଙ୍କ ଯୋଜନା ପ୍ରସ୍ତୁତ ଓ ଅପଲୋଡ୍ କରୁଛନ୍ତି।

ସ୍ୱତନ୍ତ୍ର ଗ୍ରାମସଭାରେ ନାଗରିକ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଏକାଠି ହୋଇ ବିଭିନ୍ନ ସରକାରୀ ଯୋଜନାର ଲାଭ ଓ କାର୍ଯ୍ୟାନ୍ୱୟନର ସମୀକ୍ଷା କରିବେ। ଏଥିସହ ସ୍ଥାନୀୟ ଆବଶ୍ୟକତା, ବିକାଶରେ ଥିବା ଅଭାବ ଓ ସମସ୍ୟା ଚିହ୍ନଟ କରି ଗ୍ରାମର ଭବିଷ୍ୟତ ବିକାଶ ପାଇଁ ପ୍ରାଥମିକତା ନିର୍ଦ୍ଧାରଣ କରାଯିବ।

## ଏମ୍‌ଇଏ-କ୍ୟାପ୍‌ଟେନ୍ ମାଛର୍

ଫ୍ଲାଏଦୁବାଇ ବିମାନ ଏଫ୍‌ଜେଡ୍-୧୦୭୩ର ସାହସୀ ପାଇଲଟ୍ ତଥା ଭାରତୀୟ ନାଗରିକ କ୍ୟାପ୍ଟେନ୍ ସ୍ମିତ ମାଛରଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଭାରତ ସରକାର ନିରନ୍ତର ନଜର ରଖିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି । ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି

ଅନୁସାରେ, ସାଉଦି ଆରବର ତାବୁକ୍‌ସ୍ଥିତ ଏକ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପ୍ଟେନ୍ ମାଛରଙ୍କୁ ଅଧିକ ଚିକିତ୍ସା ପାଇଁ ଆବୁଧାବିକୁ ସ୍ଥାନାନ୍ତର କରାଯାଇଛି। ୟୁଏଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ହସ୍ପିଟାଲରେ କ୍ୟାପ୍ଟେନ୍ ମାଛରଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରଦୂତ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ଘଟଣା ସମ୍ପର୍କରେ ଆବୁଧାବିସ୍ଥିତ ଭାରତୀୟ ଦୂତାବାସ ଏବଂ ଦୁବାଇସ୍ଥିତ ଭାରତୀୟ କନସୁଲେଟ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କ୍ୟାପ୍ଟେନ୍ ସ୍ମିତ ମାଛରଙ୍କ ସାହସ ଓ ବୀରତ୍ୱକୁ ପ୍ରଶଂସା କରିବା ସହ ତାଙ୍କ ସାହସିକ କାର୍ଯ୍ୟ ପାଇଁ ବିଭିନ୍ନ ଦେଶରୁ ମିଳିଥିବା ପ୍ରଶଂସା ଓ ସମର୍ଥନ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଛି।

## ସେବା ସଂକଳ୍ପ-ବ୍ୟବସାୟ କରିବାର ସହଜତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭

ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ବ୍ୟବସାୟ କରିବାର ସହଜତା' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୪ ମସିହାରେ ବିଶ୍ୱରେ ବ୍ୟବସାୟ କରିବାର ସହଜତା କ୍ଷେତ୍ରରେ ଭାରତର ସ୍ଥାନ ୧୪୨ ଥିଲା। ସେତେବେଳେ ଏକ କମ୍ପାନୀ ପଞ୍ଜୀକରଣ କରିବାକୁ ପ୍ରାୟ ଏକ ମାସ ସମୟ ଲାଗୁଥିଲା। ରାଜ୍ୟ ସୀମା ପାର କରୁଥିବା ମାଲବାହୀ ଟ୍ରକ୍‌ଗୁଡ଼ିକୁ ବିଭିନ୍ନ ସ୍ଥାନରେ ଟିକସ ଦେବା ସହ ପ୍ରତ୍ୟେକ ସୀମାରେ ଅପେକ୍ଷା କରିବାକୁ ପଡୁଥିଲା। ଏହା ବ୍ୟବସାୟ କରିବାର ପ୍ରକ୍ରିୟାକୁ ଅତ୍ୟନ୍ତ ଜଟିଳ କରିଥିଲା ।

ସାମଗ୍ରୀ ଓ ସେବା କର – ଜିଏସ୍‌ଟି ଲାଗୁ ହେବା ପରେ ଟିକସ କ୍ଷେତ୍ରରେ ଥିବା ଅନେକ ପ୍ରତିବନ୍ଧକ ଦୂର ହେବା ସହ ସମସ୍ତ ପଣ୍ୟ ପରିବହନକୁ ଏକୀକୃତ ବ୍ୟବସ୍ଥାରେ ଅଣାଯାଇଛି। ଡେଡିକେଟେଡ୍ ଫ୍ରେଟ୍ କରିଡର, ନୂଆ ଏକ୍ସପ୍ରେସ୍‌ୱେ ଓ ଉନ୍ନତ ସଡ଼କ ଯୋଗୁଁ ପଣ୍ୟ ପରିବହନରେ ଲାଗୁଥିବା ସମୟ ମଧ୍ୟ ହ୍ରାସ ପାଇଛି। ଡିଜିଟାଲ୍ କ୍ଲିୟରାନ୍ସ ଦ୍ୱାରା କାଗଜପତ୍ର ଉପରେ ନିର୍ଭରତା ହ୍ରାସ ପାଇଛି ।

ସେହିପରି, ଦେବାଳିଆ ଓ ଦେବାଳିଆପଣ ସଂହିତା ମାଧ୍ୟମରେ ବିଫଳ ଉଦ୍ୟମରୁ ପୁଞ୍ଜି ଫେରାଇବା ପାଇଁ ବ୍ୟବସ୍ଥା ସହଜ ହୋଇଛି। ଜନ୍ ବିଶ୍ୱାସ ଆଇନ ମାଧ୍ୟମରେ କ୍ଷୁଦ୍ର ତ୍ରୁଟିଗୁଡ଼ିକୁ ଅପରାଧମୁକ୍ତ କରାଯାଇଛି ଏବଂ କମ୍ପାନୀ ଆଇନକୁ ମଧ୍ୟ ସରଳ କରାଯାଇଛି। ଏହାର ପରିଣାମସ୍ୱରୂପ, ୨୦୨୦ ମସିହାରେ ବିଶ୍ୱ ବ୍ୟାଙ୍କର ବ୍ୟବସାୟ ସହଜତା ମାନ୍ୟତାରେ ଭାରତ ୬୩ତମ ସ୍ଥାନକୁ ଉନ୍ନୀତ ହୋଇଥିଲା। ଏହି ସମୟ ମଧ୍ୟରେ ବ୍ୟବସାୟିକ ପରିବେଶରେ ସୁଧାର ସହ ନିବେଶକୁ ମଧ୍ୟ ପ୍ରୋତ୍ସାହନ ମିଳିଥିଲା। ସମଗ୍ର ଭାବେ, ନିୟାମକ ଜଟିଳତା ହ୍ରାସ କରି ଭାରତ ବ୍ୟବସାୟ ପାଇଁ ଅଧିକ ସୁଗମ ପରିବେଶ ସୃଷ୍ଟି କରିବା ଦିଗରେ ଅଗ୍ରସର ହୋଇଛି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ –

**V/O**

# ନାମ୍ପି ମାରିନମାଇ

ପ୍ରତିରକ୍ଷା ଜନସମ୍ପର୍କ ଅଧିକାରୀ ଏବଂ ଦୂରଦର୍ଶନ ସମ୍ବାଦ ମିଜୋରାମର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ନାମ୍ପି ମାରିନମାଇଙ୍କ ଅକାଳ ବିୟୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଗଭୀର ଶୋକ ପ୍ରକାଶ କରିଛି। ଆଇଜଲ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ନାମ୍ପି ମାରିନମାଇଙ୍କ ସମେତ ବରିଷ୍ଠ ଭାରତୀୟ ସୂଚନା ସେବା ଅଧିକାରୀ ତଥା

ଇମ୍ଫାଲ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଡକ୍ଟର ଏଙ୍ଗାମ ପାମେ ଏବଂ ଅନ୍ୟ ଜଣେ ସରକାରୀ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ମାରିନମାଇଙ୍କ ନିଷ୍ଠାପର ସେବା ଏବଂ ପ୍ରତିରକ୍ଷା ସମ୍ବନ୍ଧୀୟ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅବଦାନକୁ ଗଭୀର ସମ୍ମାନର ସହ ସ୍ମରଣ କରାଯିବ ବୋଲି କହିଛି ।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଡକ୍ଟର ଏଙ୍ଗାମ ପାମେ, ମାରିନମାଇ ଏବଂ ସିବିସି ଆଇଜଲର ଏଚ୍. ଲିଆନଭେଲାଙ୍କ ଦୁଃଖଦ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ ସମ୍ପୃକ୍ତ ତିନି ଜଣଙ୍କ ପରିବାରବର୍ଗ, ବନ୍ଧୁ ଓ ସହକର୍ମୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

## ସ୍ପେଶାଲ ଷ୍ଟୋରି-ପମ୍ବନ୍ ବ୍ରିଜ୍

ଜନସେବାରୁ ଦେଶ ଦେବା ମନ୍ତ୍ର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେବା ଓ ସୁଶାସନ ମାଧ୍ୟମରେ ବିକଶିତ ଭାରତର ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଆକାଶବାଣୀର ସ୍ୱତନ୍ତ୍ର ଧାରାବାହିକରେ ଆଜି ଉପସ୍ଥାପିତ କରୁଛୁ – ରାମେଶ୍ୱରମର ନୂଆ ପମ୍ବନ ସେତୁ ସମ୍ପର୍କରେ ।

ତାମିଲନାଡୁର ରାମେଶ୍ୱରମରେ ନବନିର୍ମିତ ପମ୍ବନ ରେଳ ସେତୁ ହେଉଛି ଭାରତର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ରେଳ ସମୁଦ୍ର ସେତୁ। ଗତବର୍ଷ ଏପ୍ରିଲ ୬ ତାରିଖରେ ରାମନବମୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦ୍‌ଘାଟନ କରିଥିଲେ।

ପୁରୁଣା ପମ୍ବନ ସେତୁ ଶ୍ରୀଲଙ୍କା ସହ ବାଣିଜ୍ୟିକ ଯୋଗାଯୋଗ ବିକଶିତ କରିବା ଉଦ୍ଦେଶ୍ୟରେ ନିର୍ମିତ ଐତିହାସିକ ସଂରଚନା ଥିଲା। ୧୮୭୦ ଦଶକରେ ଆରମ୍ଭ ହୋଇଥିବା ଏହାର ନିର୍ମାଣ ପ୍ରାୟ ୨ ଦଶମିକ ୨ କିଲୋମିଟର ଲମ୍ବ ସେତୁରେ ପରିଣତ ହୋଇଥିଲା। ଏଥିରେ ୧୪୩ଟି ପିଅର ଥିବାବେଳେ ୧୯୧୪ରେ ଏହାକୁ ରେଳ ଚଳାଚଳ ପାଇଁ ଖୋଲାଯାଇଥିଲା। ନୂଆ ପମ୍ବନ ସେତୁର କେନ୍ଦ୍ରୀୟ ଲିଫ୍ଟ ସ୍ପାନ୍ ର ଲମ୍ବ ୭୨ ଦଶମିକ ୫ ମିଟର ଥିବାବେଳେ ଜାହାଜ ଚଳାଚଳ ପାଇଁ ଏହି ସ୍ପାନ୍‌କୁ ୧୭ରୁ ୨୨ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠାଯିବାର ବ୍ୟବସ୍ଥା ରହିଛି ।

ମଦୁରାଇ ଡିଭିଜନର ରେଳ ଅଧିକାରୀମାନେ ଆକାଶବାଣୀକୁ କହିଛନ୍ତି, ସେତୁର ସୁରକ୍ଷା ଓ ଦୀର୍ଘସ୍ଥାୟୀତ୍ୱକୁ ଦୃଷ୍ଟିରେ ରଖି କେବଳ ୯୯ଟି ଆପ୍ରୋଚ୍ ଗିର୍ଡର ପାଇଁ ୩ ହଜାର ଟନରୁ ଅଧିକ ଇସ୍ପାତ ବ୍ୟବହାର ହୋଇଛି । ଲିଫ୍ଟ ସ୍ପାନ୍‌କୁ ୫୪ଟି ଇସ୍ପାତ ଖଣ୍ଡରେ ନିର୍ମାଣ କରି ୧୬୮ଟି ୱେଲ୍ଡ ମାଧ୍ୟମରେ ଯୋଡ଼ାଯାଇଛି । ଇସ୍ପାତ ଅଂଶଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷାମୂଳକ ପ୍ରଲେପ ଦିଆଯାଇଛି। ଆଇଆଇଟି ମାଡ୍ରାସ ଓ ଆଇଆଇଟି

ବମ୍ବେର ବିଶେଷଜ୍ଞମାନେ ୨୦୨୪ ନଭେମ୍ବରରେ ଏହି ସେତୁର ଡିଜାଇନ୍ ଯାଞ୍ଚ କରିଥିଲେ ।

ପମ୍ବନ ସେତୁ ଦୀର୍ଘଦିନ ଧରି ରାମେଶ୍ୱରମକୁ ମୁଖ୍ୟ ଭୂଖଣ୍ଡ ସହ ଯୋଡ଼ିବାର ଏକମାତ୍ର ପ୍ରମୁଖ ସଂଯୋଗ ଥିଲା । ୧୯୮୮ ପର୍ଯ୍ୟନ୍ତ ଏହା ଦ୍ୱୀପ ଓ ମୁଖ୍ୟ ଭୂଖଣ୍ଡ ମଧ୍ୟରେ ଏକମାତ୍ର ରେଳ ସଂଯୋଗ ଭାବେ ଗୁରୁତ୍ୱ ବହନ କରୁଥିଲା । ଅତୀତରେ ଅନେକ ବାତ୍ୟାର ସମ୍ମୁଖୀନ ହୋଇ ମଧ୍ୟ ପମ୍ବନ ସେତୁ ଅକ୍ଷୁଣ୍ଣ ରହିଥିଲା । ନୂଆ ପମ୍ବନ ସେତୁ ଆଧୁନିକ ଯାନ୍ତ୍ରିକ ଜ୍ଞାନକୌଶଳ, ଉନ୍ନତ ଭିତ୍ତିଭୂମି ଓ ସମୁଦ୍ର ପରିବହନ ସହ ରେଳ ଯୋଗାଯୋଗର ସମନ୍ୱୟର ଏକ ଅନନ୍ୟ ଉଦାହରଣ ଭାବେ ପରିଗଣିତ ହେଉଛି ।

## ଏସିଆନ୍ ଗେମ୍ସ

ଜାପାନର କାକାମିଗହରାଠାରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ମହିଳା ହକିରେ ଭାରତ-ଚୀନ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଭାରତୀୟ ପୁରୁଷ ହକି ଦଳ ପାକିସ୍ତାନକୁ ୪-୩ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଦକ୍ଷିଣ କୋରିଆ ଓ

ମାଲେସିୟା ମଧ୍ୟରେ ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ସହ ଭାରତ ଫାଇନାଲ୍ ଖେଳିବ ।